# ତ୍ରି ସ୍ତରୀୟ ପଞ୍ଚାୟତି ରାଜ ନିର୍ବାଚନ ପରିଚାଳନା ନିମନ୍ତେ

# ପ୍ରଶାସନିକ ପ୍ରସ୍ତୁତି ।

ଚଳିତ ମାସ ୧୬ ତାରିଖରେ ତ୍ରି ସ୍ତରୀୟ ପଞ୍ଚାୟତି ରାଜ ନିର୍ବାଚନକୁ ଶାନ୍ତି ଶୃଂଖଳାର ସହିତ ପରିଚାଳନା କରିବା ନିମନ୍ତେ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି । ଆଜି ଆବଶ୍ୟକ ଗାଡିଗୁଡିକ ବ୍ଲକ ଗୁଡିକରେ ପହଂଚିବ । ଆସନ୍ତା କାଲି ନିର୍ବାଚନ ସାମଗ୍ରୀ ବିତରଣ କାର୍ଯ୍ୟ ଆରମ୍ଭ ହେବ । ପୁଲିଂ ପାର୍ଟି ସାମଗ୍ରୀ ଗ୍ରହଣ କରି ବୁଥ୍‌ରେ କାଲି ପହଂଚିବେ । ମତଦାନ କାର୍ଯ୍ୟ ସକାଳ ୭ ଘଟିକାରୁ ୧ ଘଟିକା ମଧ୍ୟରେ ଅନୁଷ୍ଠିତ ହେବ । ଜିଲ୍ଲାରେ ମତଦାନ କାର୍ଯ୍ୟ ପରିଚାଳନା ନିମନ୍ତେ ୩୦୨୮ଟି ବୁଥ୍‌ରେ ଆନୁସଂଗୀକ ବ୍ୟବସ୍ଥା କରାଯାଇଛି । ଭୋଟ କାର୍ଯ୍ୟ ପରିଚାଳନା ପାଇଁ ୧୮୩୦ ଜଣ ପ୍ରିଜାଇଡିଂ ଅଫିସର, ୩୦୬୦ ଜଣ ପୁଲିଂ ଅଫିସରଂକୁ ନିୟୋଜିତ କରାଯାଇଛି । ଅନୁଗୋଳ ବ୍ଲକର ୩୪ଟି ଗ୍ରାମ ପଞ୍ଚାୟତର ସମୁଦାୟ ୪୭୪ଟି ବୁଥ୍ ମଧ୍ୟରୁ ୬୪ଟି ବୁଥ୍ ଉତ୍ତେଜନା ପ୍ରବଣ ଥିବାବେଳେ ବଅଁରପାଳ ବ୍ଲକର ୩୫ଟି ଗ୍ରାମ ପଞ୍ଚାୟତର ୪୭୧ଟି ବୁଥ୍ ମଧ୍ୟରୁ ୭୬ଟି ବୁଥ୍ ଉତ୍ତେଜନା ପ୍ରବଣ ଅଟେ । ଏହି ବୁଥ୍ ଗୁଡିକରେ ଶାନ୍ତି ଶୃଂଖଳାର ସହ ନିର୍ବାଚନ ପରିଚାଳନା ନିମନ୍ତେ ଆବଶ୍ୟକ ପୋଲିସ କର୍ମଚାରୀ ନିୟୋଜିତ କରାଯିବା ସହ ସି ସି ଟିଭି ଲଗାଯାଇଛି । ପ୍ରତି ବ୍ଲକରେ ମହିଳାମାନଂକ ପାଇଁ ସ୍ୱତନ୍ତ୍ର ଭାବେ ସୁସଜ୍ଜିତ ପିଙ୍କ୍ ବୁଥ୍ ପ୍ରତିଷ୍ଠା ହୋଇଛି । ଏହି ବୁଥ୍ ଗୁଡିକରେ ସମସ୍ତ ମହିଳା କର୍ମଚାରୀ ପ୍ରିଜାଇଡିଂ ଓ ପୁଲିଂ ଅଧିକାରୀଭାବେ ନିୟୋଜିତ ହୋଇଛନ୍ତି । ସେହିପରି ଗଣତି କାର୍ଯ୍ୟକୁ ବ୍ୟବସ୍ଥିତ ଭାବରେ କରିବା ନିମନ୍ତେ ସମସ୍ତ ପ୍ରକାର ଆନୁସଂଗିକ ଆୟୋଜନ କରାଯାଇଛି ବୋଲି ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଗଜେନ୍ଦ୍ର ବାରିକ ପ୍ରକାଶ କରିଛନ୍ତି । ଏହି ତ୍ରି ସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନର ସମସ୍ତ ପ୍ରକ୍ରିୟାକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିଜେ ତଦାରଖ କରୁଥିବା ବେଳେ ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଏହାକୁ କାର୍ଯ୍ୟକୁ ପରିଚାଳନା କରୁଛନ୍ତି । ନିୟୋଜିତ ୨ ଜଣ ପର୍ଯ୍ୟବେକ୍ଷକ ଏହି ପ୍ରକ୍ରିୟାକୁ ଯାଂଚ କରୁଛନ୍ତି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା ୧୦୯ ତା. ୧୪.୦୨.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ